# NATIONAL NEWS BULLETIN (ODIA)

**13 June - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ଜି-୭ ଶିଖର ସମ୍ମିଳନୀରେ ଯୋଗଦେବା ଲାଗି ଆଜି ଇଟାଲୀ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- କ୍ରମାଗତ ତୃତୀୟଥର ପାଇଁ ଅରୁଣାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ପ୍ରେମା ଖଣ୍ଡୁ ।
- ନିଟ୍ ପରୀକ୍ଷାରେ କୌଣସି ପ୍ରକାର ଦୁର୍ନୀତି ହୋଇ ନାହିଁ ବୋଲି କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।
- କୁୱେତ୍ ଅଗ୍ନିକାଣ୍ଡ ଘଟଣାରେ ମୃତ୍ୟୁସଂଖ୍ୟା ଅଣଚାଶକୁ ବୃଦ୍ଧି ।

ଏବଂ

- ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ନ୍ୟୁଜିଲାଣ୍ଡକୁ ୧୩ ରନ୍‌ରେ ପରାସ୍ତ କଲା ୱେଷ୍ଟଇଣ୍ଡିଜ ।

# ପି.ଏମ୍. ଇଟାଲୀ ଭିଜିଟ୍

**G7** ଶିଖର ସମ୍ମିଳନୀରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଇଟାଲୀ ଗସ୍ତ କରିବେ । ବୈଦେଶିକ ସଚିବ ବିନୟ କ୍ୱାତ୍ରା ନୂଆଦିଲ୍ଲୀରେ ସମ୍ବାଦଦାତାମାନଙ୍କୁ କହିଛନ୍ତି, ଏହି ଶିଖର ସମ୍ମିଳନୀରେ ଯୋଗଦେବା ଲାଗି ଭାରତକୁ ନିମନ୍ତ୍ରଣ କରାଯାଇଛି । ଲଗାତାର ତୃତୀୟଥର ଲାଗି ଶାସନଭାର ସମ୍ଭାଳିବା ପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କର ଏହା ପ୍ରଥମ ବିଦେଶ ଗସ୍ତ । ଶ୍ରୀ କ୍ୱାତ୍ରା କହିଛନ୍ତି, ଏହି ସମ୍ମିଳନୀରେ ବିଶ୍ୱର ଅନ୍ୟ ନେତାମାନଙ୍କ ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି ।

# ଅରୁଣାଚଳ-ଓଥ୍

ବରିଷ୍ଠ ବିଜେପି ନେତା ପ୍ରେମା ଖଣ୍ଡୁ କ୍ରମାଗତ ତୃତୀୟଥର ପାଇଁ ଅରୁଣାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିଛନ୍ତି । ତାଙ୍କ ସହ କ୍ୟାବିନେଟ୍ ସଦସ୍ୟ ଭାବେ ଅନ୍ୟ ୧୧ଜଣ ଶପଥ ନେଇଛନ୍ତି । ଇଟାନଗର ଡିକେ କନ୍‌ଭେନସନ ହଲ୍‌ରେ ଆୟୋଜିତ ଶପଥଗ୍ରହଣ ସମାରୋହରେ ରାଜ୍ୟପାଳ ଅବରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ କେ.ଟି.ପରନାଏକ ଶ୍ରୀ ଖଣ୍ଡୁ ଏବଂ ମନ୍ତ୍ରିପରିଷଦର ଅନ୍ୟ ସଦସ୍ୟମାନଙ୍କୁ ଶପଥପାଠ କରାଇଥିଲେ । ଚୌନା ମେଁ, ବ୍ୟୁରାମ ବାଗେ, ନ୍ୟାତୋ ଦୁକାମ,ଗାବ୍ରିଏଲ ଡି ୱାଙ୍ଗଚୁ, ୱାଙ୍ଗି ଲୋଆଙ୍ଗ, ପିଡି ସୋନା, ମାମା ନାତୁଙ୍ଗ, ଶ୍ରୀମତୀ ଦାସଙ୍ଗଲୁ ପଲ୍, ବାଲୋ ରାଜା, କେଣ୍ଟୋ ଜିଲି ଏବଂ ଓଜିଙ୍ଗ ତାସିଙ୍ଗ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ଏହି ସମାରୋହରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତଶାହା, ସ୍ୱାସ୍ଥ୍ୟମନ୍ତ୍ରୀ

ଜେ.ପି.ନଡ୍ଡା, ବରିଷ୍ଠ ବିଜେପି ନେତା ରବିଶଙ୍କର ପ୍ରସାଦ, ଆସାମ ଏବଂ ସିକ୍କିମର ମୁଖ୍ୟମନ୍ତ୍ରୀଗଣ, କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ ଏବଂ ସାଂସଦ ତାପିର ଗାଓ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ୬୦ ସଦସ୍ୟବିଶିଷ୍ଟ ଅରୁଣାଚଳ ପ୍ରଦେଶର ବିଧାନସଭା ନିର୍ବାଚନରେ ବିଜେପି ୪୬ଟି ଆସନ ଜିତି ସଂଖ୍ୟାଗରିଷ୍ଠତା ହାସଲ କରିଥିଲା ।

## ବିଜେପି-ଶ୍ରୀମନ୍ଦିର

ଓଡ଼ିଶାରେ ପୁରୀ ଶ୍ରୀମନ୍ଦିରର ୪ଟି ଦ୍ୱାର ଆଜି ସକାଳୁ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲା ଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ ଆଜି ସକାଳେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଏବଂ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟ ତଥା ସାଂସଦ ମଙ୍ଗଳଆଳତୀ ଦର୍ଶନ କରି ସିଂହଦ୍ୱାର ଦେଇ ବାହାରକୁ ଆସିଥିଲେ । ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ପ୍ରଦକ୍ଷିଣ କରିବା ସହ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ଦର୍ଶନ ନେଇ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଚାରିଦ୍ୱାର ଦେଇ ଶ୍ରଦ୍ଧାଳୁଙ୍କର ପ୍ରବେଶ ଅନୁମତି ପରେ ଭକ୍ତଙ୍କ ମହଲରେ ଖୁସିର ଲହରି ପ୍ରକାଶ ପାଇଛି । ବିଭିନ୍ନ ମହଲରେ ସରକାରଙ୍କର ଏହି ନିଷ୍ପତ୍ତିକୁ ସ୍ୱାଗତ କରାଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝିଙ୍କ ସହ ଦୁଇ ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ, ପୁରୀ ଓ ବାଲେଶ୍ୱର ସାଂସଦ ଏବଂ ମୁଖ୍ୟ ଶାସନ ସଚିବ ଓ ପ୍ରଶାସନିକ ବରିଷ୍ଠ ଅଧିକାରୀ ପ୍ରମୁଖ ଏହି ଗସ୍ତରେ ଯାଇଥିଲେ । ଗତ ସନ୍ଧ୍ୟାରେ ନବଗଠିତ ମନ୍ତ୍ରୀ ପରିଷଦର ପ୍ରଥମ କ୍ୟାବିନେଟ୍ ବୈଠକରେ ଶ୍ରୀମନ୍ଦିରର ୪ଦ୍ୱାର ଖୋଲିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

# ଏସ୍‌ସି-ନିଟ୍

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ନିଟ୍ ପରୀକ୍ଷାରେ କୌଣସିପ୍ରକାର ଦୁର୍ନୀତି ହୋଇନାହିଁ । ଗଣମାଧ୍ୟମ ସହ ଆଲୋଚନା ବେଳେ ସେ କହିଛନ୍ତି ସୁପ୍ରିମକୋର୍ଟରେ ଏ ସଂକ୍ରାନ୍ତ ଏକ ମାମଲା ବିଚାରାଧୀନ ରହିଛି । ସରକାର ତାଙ୍କ ପକ୍ଷ ସୁପ୍ରିମକୋର୍ଟରେ ରଖିବେ । ତେବେ ଶିକ୍ଷାବିତ୍‌କୁ ନେଇ ପରିସ୍ଥିତିର ସମୀକ୍ଷା କରିବା ଲାଗି ସରକାର ଏକ କମିଟି ଗଠନ କରିଛନ୍ତି ବୋଲି ସେ କହିଛନ୍ତି ।

ତେବେ ନିଟ୍-ୟୁଜି ୨୦୨୪ ପରୀକ୍ଷାରେ ଗ୍ରେସ୍‌ମାର୍କ ପାଇଥିବା ୧ହଜାର ୫୬୩ ଜଣ ଛାତ୍ରଛାତ୍ରୀ ଇଚ୍ଛାପ୍ରକାଶ କଲେ ଆସନ୍ତା ୨୩ ତାରିଖ ଦିନ ଅନୁଷ୍ଠିତ ହେଉଥିବା ପରୀକ୍ଷା ଦେଇପାରିବେ ବୋଲି କେନ୍ଦ୍ର ସରକାର ଆଜି ସୁପ୍ରିମକୋର୍ଟକୁ ଜଣାଇଛନ୍ତି । ଗ୍ରେସ୍‌ମାର୍କ ପ୍ରଦାନର ସମୀକ୍ଷା କରିବା ଲାଗି ଏକ କମିଟି ଗଠନ କରାଯାଇଛି ବୋଲି ସରକାର କୋର୍ଟକୁ କହିଛନ୍ତି । ଆସନ୍ତା ୩୦ତାରିଖ ସୁଦ୍ଧା ପରୀକ୍ଷାର ଫଳାଫଳ ପ୍ରକାଶ ପାଇବ । ସୂଚନାଯୋଗ୍ୟ ଗତ ମେ' ୫ ତାରିଖରେ ହୋଇଥିବା ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ନେଇ ଏନ୍‌ଟିଏ ବିରୁଦ୍ଧରେ ସୁପ୍ରିମକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା ।

# ସିକ୍କିମ-ଲ୍ୟାଣ୍ଡସଲାଇନ୍

ଉତ୍ତର ସିକ୍କିମର ବିଭିନ୍ନ ଅଞ୍ଚଳ ଏବଂ ମାନଗାନ ଅଞ୍ଚଳରେ ଭୂସ୍ଖଳନ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି । ଗତକାଲିଠୁଁ ସେହି ଅଞ୍ଚଳରେ ବର୍ଷା ଯୋଗୁଁ ବହୁ ଅଞ୍ଚଳରେ ଭୁସ୍ଖଳନ ହୋଇଥିବା ଜଣାପଡିଛି । ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂହ ତମାଙ୍ଗ, ରାଜ୍ୟର ଉତ୍ତରାଞ୍ଚଳର ପ୍ରଶାସନିକ ଅଧିକାରୀ, ପୋଲିସ

ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସହ ପରିସ୍ଥିତି ନେଇ ଆଲୋଚନା କରିଛନ୍ତି । ଏହି ଭୂସ୍ଖଳନରେ ବହୁ ଧନଜୀବନ କ୍ଷୟକ୍ଷତି ହୋଇଥିବାର ଆଶଙ୍କା କରାଯାଉଛି । ଶ୍ରୀ ତମାଙ୍ଗ କହିଛନ୍ତି ପ୍ରଭାବିତ ଅଞ୍ଚଳରେ କ୍ଷତିଗ୍ରସ୍ତ ଲୋକଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି । ଉଦ୍ଧାର ଏବଂ ରିଲିଫ କାର୍ଯ୍ୟରେ ମଧ୍ୟ ତ୍ୱରାନ୍ୱିତ ହୋଇଛି ବୋଲି ସେ କହିଛନ୍ତି ।

## ଡେ କ୍ୱେତ୍ ଫାୟାର

କ୍ୱେତ୍‌ର ମଙ୍ଗଫ ଅଞ୍ଚଳରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାର ତଦନ୍ତ ସେଠାକାର ପବ୍ଲିକ ପ୍ରସିକ୍ୟୁଟର ଆରମ୍ଭ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ ପବ୍ଲିକ ପ୍ରସିକ୍ୟୁଟର କହିଛନ୍ତି ଅଗ୍ନିକାଣ୍ଡର କାରଣ ନେଇ ତଦନ୍ତ କରାଯାଉଛି । ଏହି ଘଟଣାରେ ଅଣଚାଶ ଜଣଙ୍କର ମୃତ୍ୟୁ ହେବା ସହ ବହୁ ଲୋକ ଆହତ ହୋଇଛନ୍ତି । କ୍ୱେତ୍‌ର ବୈଦେଶିକ ମନ୍ତ୍ରୀ ଅବଦୁଲ୍ଲା ଅଲ୍-ୟାହା ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ଅହମ୍ମଦ ଅଲ୍ ଆୱାଧି, ଅଲ୍ ଆଦାନ ହସ୍ପିଟାଲକୁ ଯାଇ ଆହତଙ୍କର ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି । ଗତକାଲି ସେଠାରେ ଥିବା ଏକ ଶ୍ରମିକ ଆବାସ ସ୍ଥଳରେ ଏହି ଭୟାବହ ଅଗ୍ନିକାଣ୍ଡ ଘଟିଚି । ଏଥିରେ ପ୍ରାୟ ୪୦ଜଣ ଭାରତୀୟ ନାଗରିକଙ୍କ ମୃତ୍ୟୁ ହୋଇବା ଜଣାପଡିଛି । ଗତମାଧ୍ୟମକୁ ସୂଚନା ଦେଇ କ୍ୱେତ୍‌ର ବୈଦେଶିକ ମନ୍ତ୍ରଣାଳୟ କହିଛି ଆହତଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ । ଏହି ଘଟଣାରେ ମୃତ୍ୟୁବରଣ କରିଥିବା ନିକଟ ସମ୍ପର୍କୀୟଙ୍କୁ ସମବେଦନା ଜଣାଇବା ସହ ମନ୍ତ୍ରଣାଳୟ ଆହତଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । କ୍ୱେତର ଆଭ୍ୟନ୍ତରୀଣ ମନ୍ତ୍ରୀ ଏହି ଅଗ୍ନିକାଣ୍ଡ ଘଟଣାରେ ମୃତ୍ୟୁସଂଖ୍ୟା ଅଣଚାଶରେ

ପହଞ୍ଚିଥିବା ନେଇ ସ୍ପଷ୍ଟ କରିଛନ୍ତି ।ହତାହତଙ୍କ ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ଲାଗି କ୍ୱେତ୍ ସକାରଙ୍କ ତରଫରୁ ଟୋଲ୍-ଫ୍ରି ନମ୍ବରର ବ୍ୟବସ୍ଥା କରାଯାଇଛି ।

## ପିଏମ୍-ଯୋଗ ଭିଡ଼ିଓ

ଆସନ୍ତା ୨୧ ତାରିଖ ଦିନ ପାଳିତ ହେବାକୁ ଥିବା ଦଶମ ଆନ୍ତର୍ଜାତୀକ ଯୋଗ ଦିବସର ଅବ୍ୟବହିତ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କେତେକ ଆସନର ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି । ଏହି ଆସନ ଗୁଡ଼ିକର ଉପକାରିତା ଏବଂ ଏହାର ପ୍ରକ୍ରିୟା ସମ୍ପର୍କରେ ଏହି ଭିଡ଼ିଓରେ ଦର୍ଶାଯାଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଶରୀର ପାଇଁ ଏହି ଆସନ ବହୁ ଉପଯୋଗୀ ଏବଂ ଏହା ମନୁଷ୍ୟକୁ ଅଧିକ ଶକ୍ତି ପ୍ରଦାନ କରିଥାଏ ।

## ଏମ୍ଇଏ-ଏଡ୍ ଡିପାର୍ଟେଡ

ପପୁଆ ନିଉଗିନିର ଏଙ୍ଗା ପ୍ରଦେଶରେ ଘଟିଥିବା ଭୁସ୍ଖଳନ ଯୋଗୁଁ ପ୍ରଭାବିତ ଲୋକଙ୍କ ପାଇଁ ଭାରତ ୧୯ଟନ୍ର ମାନବିକ ସହାୟତା ତଥା ରିଲିଫ ସାମଗ୍ରୀ ପଠାଇଛି । ଗତମାସରେ ଭାରତ ଘୋଷଣା କରିଥିବା ଏକ ମିଲିୟନ ଆମେରିକୀୟ ଡଲାର ସହାୟତା ରାଶିର ଏହା ଏକ ଅଂଶବିଶେଷ ବୋଲି ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି । ସେ କହିଛନ୍ତି ପଠାଯାଇଥିବା ସାମଗ୍ରୀ ମଧ୍ୟରେ ୧୩ଟନ୍ର ଖାଦ୍ୟପଦାର୍ଥ, ଔଷଧ, ଚିକିତ୍ସା ଯନ୍ତ୍ରାଂଶ, ଅସ୍ଥାୟୀ ବାସସ୍ଥାନ ତଥା ଶିଶୁଖାଦ୍ୟ ଅନ୍ତର୍ଭୁକ୍ତ । ଭାରତ ପାସିଫିକ ଆଇସ୍ଲାଣ୍ଡ କୋ-ଅପରେସନ ମଞ୍ଚ ପ୍ରତି ରହିଥିବା ଭାରତର ପ୍ରତିବଦ୍ଧତାକୁ ଏହା ଦର୍ଶାଉଛି ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

## ଦୁବାଇ-ଇଣ୍ଡିଆନ୍ସ ପିଲିଗ୍ରିମ୍ସ ଫର୍ ହଜ୍

ଚଳିତବର୍ଷ ରେକର୍ଡ ସଂଖ୍ୟକ ଏକଲକ୍ଷ ୭୫ହଜାର ଶ୍ରଦ୍ଧାଳୁ ହଜ୍ ଯାତ୍ରା କରିଛନ୍ତି । ମକ୍କା ଏବଂ ମଦିନାକୁ ଗସ୍ତ କରିବା ଲାଗି ଶ୍ରଦ୍ଧାଳୁଙ୍କ ପାଇଁ କେନ୍ଦ୍ର ସରକାର ବହୁପ୍ରକାର ସୁବିଧାସୁଯୋଗ ବ୍ୟବସ୍ଥା କରିଥିଲେ । ମିଳିଥିବା ସୂଚନା ଅନୁଯାୟୀ ଭାରତର ହଜ୍ କମିଟି ମାଧ୍ୟମରେ ୯୫ ପ୍ରତିଶତ ଅର୍ଥାତ୍ ୧ଲକ୍ଷ ୪୦ହଜାର ୨୦ଜଣ ଶ୍ରଦ୍ଧାଳୁ ହଜ୍ ଯାତ୍ରା କରିଥିଲେ । ସେମାନଙ୍କର ରହଣିର ବ୍ୟବସ୍ଥା ମଧ୍ୟ ସେଠାରେ କରାଯାଇଥିଲା । ଜେଦାହରୁ ମକ୍କାକୁ ଗସ୍ତ କରିବା ଲାଗି ଶ୍ରଦ୍ଧାଳୁଙ୍କ ପାଇଁ ହାଇସ୍ପିଡ୍ ରେଳ ଯୋଗାଯୋଗ ବ୍ୟବସ୍ଥା କରିବାରେ ଭାରତ ପ୍ରଥମ ରାଷ୍ଟ୍ର । ୩୩ହଜାର ଶ୍ରଦ୍ଧାଳୁ ରେଳଯୋଗେ ଜେଦାହରୁ ମକ୍କା ଗସ୍ତ କରିଥିଲେ । ୫ହଜାରରୁ ଅଧିକ ମେହରମ ମହିଳା ଶ୍ରଦ୍ଧାଳୁ ମଧ୍ୟ ହଜ୍ ଗସ୍ତରେ ଯାଇଥିବା ଜଣାପଡିଛି ।

## ଜେକେ-ଆଟାକ

ଜାମ୍ମୁ କାଶ୍ମୀରର ବିଭିନ୍ନ ସ୍ଥାନରେ ଗତ ୯୬ଘଣ୍ଟା ମଧ୍ୟରେ ଆଦତଙ୍କବାଦୀଙ୍କ ସହ ଗୁଳିବିନିମୟରେ ଜଣେ ସିଆର୍‌ପିଏଫ୍ ଜବାନ ସହିଦ ହେବା ସହ ୯ଜଣ ସାଧାରଣ ନାଗରିକଙ୍କର ମୃତ୍ୟୁ ହୋଇଛି । କାଠୁଆ ଏବଂ ରାଇସି ଜିଲ୍ଲାର ୫ଟି ଭିନ୍ନଭିନ୍ନ ସ୍ଥାନରେ ଆତଙ୍କବାଦୀଙ୍କ ସହ ଗୁଳିବିନିମୟରେ ଅନ୍ୟ ସୁରକ୍ଷାକର୍ମୀ ତଥା ୪୨ଜଣରୁ ଅଧିକ ସାଧାରଣ ନାଗରିକ ଆହତ ହୋଇଛନ୍ତି । ସୁରକ୍ଷାକର୍ମୀଙ୍କ ସହ ଗୁଳିବିନିମୟରେ ୨ଜଣ ଆତଙ୍କବାଦୀଙ୍କର ମଧ୍ୟ ମୃତ୍ୟୁ ହୋଇଛି ।

# ଟି-ଟ୍ୱେଣ୍ଟି ବିଶ୍ୱକପ୍

ଆଇସିସି ଟି-ଟ୍ୱେଣ୍ଟି ବିଶ୍ୱକପ୍ ପ୍ରତିଯୋଗିତାର ଆଜି ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଓ୍ୱେଷ୍ଟଇଣ୍ଡିଜ’ ନ୍ୟୁଜିଲାଣ୍ଡକୁ ୧୩ରନ୍‌ରେ ହରାଇ ଦେଇଛି । ଟସ୍ ଜିତି ନ୍ୟୁଜିଲାଣ୍ଡ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଓ୍ୱେଷ୍ଟଇଣ୍ଡିଜ ନିର୍ଦ୍ଧାରିତ ୨୦ ଓଭରରେ ୯ ଓ୍ୱିକେଟ୍ ବିନିମୟରେ ୧୪୯ରନ୍ ସଂଗ୍ରହ କରିଥିଲା । ଦଳପକ୍ଷରୁ ରଦରଫୋର୍ଡ ଅଣଚାଳିଶଟି ବଲ୍‌ରେ ଅପରାଜିତ ୬୮ରନ୍ ସଂଗ୍ରହ କରିଥିଲେ । ୧୫୦ରନ୍‌ର ବିଜୟଲକ୍ଷ୍ୟକୁ ପିଛାକରି ନ୍ୟୁଜିଲାଣ୍ଡ ୯ଓ୍ୱିକେଟ୍ ବିନିମୟରେ ୧୩୬ରନ୍ କରିବାକୁ ସକ୍ଷମ ହୋଇଥିଲା । ରଦରଫୋର୍ଡଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି ।

ଦ୍ୱିତୀୟ ମ୍ୟାଚ୍‌ଟି ବାଂଲାଦେଶ ଏବଂ ନେଦରଲ୍ୟାଣ୍ଡ ମଧ୍ୟରେ କିଙ୍ଗ୍‌ଷ୍ଟନଟାଉନ୍‌ଠାରେ ଭାରତୀୟ ସମୟ ରାତି ୮ଟାରେ ଖେଳାଯିବ ।
ଗତକାଲିର ମ୍ୟାଚ୍‌ରେ ଭାରତ-ଆମେରିକାକୁ ୭ ଓ୍ୱିକେଟ୍‌ରେ ପରାସ୍ତ କରି ଗ୍ରୁପ୍-୮ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି ।